# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 9 October – 2025

---

# ମୁଖ୍ୟମନ୍ତ୍ରୀ–ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ସମ୍ବଲପୁରସ୍ଥିତ ମା’ ସମଲେଶ୍ୱରୀଙ୍କ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ମନ୍ଦିର ବିକାଶ କାର୍ଯ୍ୟ ଲାଗି ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ପାଇଁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁସାରେ ୩୧୬ କୋଟିଟଙ୍କା ବିନିଯୋଗରେ ୮୨ ଏକର ପରିମିତି ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ ମନ୍ଦିରର ବିକାଶ କାର୍ଯ୍ୟ ହେଉଛି ।

---

## ସାଂସଦ ପ୍ରଶିକ୍ଷଣ

ଭାରତୀୟ ଜନତା ପାର୍ଟିର ଜନଜାତି ସାଂସଦ ଓ ବିଧାୟକ ମାନଙ୍କୁ ଆଜି ଦଳର ରାଜ୍ୟ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଦିଆଯିବ। ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲସିଂ ତୋମାରଙ୍କ ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ।

ରାଜ୍ୟ କାର୍ଯ୍ୟାଳୟରେ ବିଜେପି କୋର କମିଟି ବୈଠକ ମଧ୍ୟ ଆଜି ଅନୁଷ୍ଠିତ ହେବ ବୋଲି ଶ୍ରୀ ତୋମାର କହିଛନ୍ତି। ବୈଠକରେ ନୂଆପଡା ଉପନିର୍ବାଚନ ପ୍ରସଙ୍ଗ ସହିତ ସମ୍ଭାବ୍ୟ ଦଳୀୟ ପ୍ରାର୍ଥୀଙ୍କୁ ନେଇ ମଧ ଆଲୋଚନା ହେବ। ନୂଆପଡା ଉପନିର୍ବାଚନ ପାଇଁ ବିଜେପି ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା କରିବ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି।

---

## ଡିଏମ୍ଏଫ୍ ସମୀକ୍ଷା

ଉନ୍ନୟନ କମିଶନର ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଜିଲ୍ଲା ଖଣିଜ ପାଣ୍ଠି-ଡିଏମ୍ଏଫ୍ ର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀମତୀ ଗର୍ଗ ଖଣି ଅଞ୍ଚଳର ବିକାଶ ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅନୁଗୁଳ, ଯାଜପୁର ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଖଣିଜ ପାଣ୍ଠିର କାର୍ଯ୍ୟକାରିତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

## ପ୍ଲଟ ପଞ୍ଜୀକରଣ

କଟକ ବାଲିଯାତ୍ରାରେ ଷ୍ଟଲ୍ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖକୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କର୍ଫ୍ୟୁ ପରିସ୍ଥିତି ଏବଂ ଦୁଇଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ଯୋଗୁଁ ଏହି ସମୟସୀମା ବୃଦ୍ଧି କରାଯାଇଛି । ପ୍ଲଟ ପଞ୍ଜୀକରଣ ଉଭୟ ଅନ୍‌ଲାଇନ୍ ଓ ଅଫ୍ ଲାଇନ୍ ମାଧ୍ୟମରେ କରାଯାଉଛି । ଷ୍ଟାଡିୟମ ନିକଟ ବାରବାଟୀ ପ୍ୟାଲେସ୍‌ଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ୫ଟା ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜୀକରଣ କାର୍ଯ୍ୟ କରାଯାଉଛି ।

## ଗୋପବନ୍ଧୁ ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, କବି, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ

ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ । ଭୁବନେଶ୍ୱରରେ ଆଜି ସନ୍ଧ୍ୟାରେ  ଅନୁଷ୍ଠିତ ହେବାକୁ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜୟନ୍ତୀ  ସମାରୋହରେ  ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲୀକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଗଜଲକ୍ଷ୍ମୀ ପୂଜା

ଢେଙ୍କାନାଳରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀମେଳା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ଓର୍‌ମାସର ମିଳିତ ସହଯୋଗରେ ମହିଷାପାଟସ୍ଥିତ ପଲ୍ଲୀଶ୍ରୀ ମେଳା ପଡ଼ିଆରେ ଏହି ମେଳା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୩୧ଟି ଷ୍ଟଲ୍ ଖୋଲାଯାଇଛି ।

## ଦଣ୍ଡନାଚ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦଣ୍ଡନାଚ ସଂପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଣ୍ଡନାଚକୁ ନେଇ ଖୁବ୍‌ଶୀଘ୍ର ଏକ ମାର୍ଗଦର୍ଶିକା ଜାରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦଣ୍ଡନାଚର ପରମ୍ପରା ଓ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନେଇ ପଦକ୍ଷେପ ନେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ

ମାଲକାନଗିରି ଜିଲ୍ଲାର ମୋଟୁ ବନାଞ୍ଚଳ ଅନ୍ତର୍ଗତ ଏମ୍‌ଭି-୯୬ ଗ୍ରାମଠାରେ ୭୧ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି ।

ଜିଲ୍ଲାର ବିଭିନ୍ନ ବନାଞ୍ଚଳରେ ସୁରକ୍ଷା ସପ୍ତାହ ପାଳନର ଗତକାଲି ଶେଷଦିନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

# ବିଶ୍ୱ ଦୃଷ୍ଟି ଦିବସ

ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ ଦୃଷ୍ଟି ଦିବସ ଭାବେ ପାଳନ କରାଯାଇଥାଏ । ୨୦୦୦ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ତର୍ଜାତୀୟ ଅନ୍ଧତ୍ୱ ନିବାରଣ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ **ଆଖିକୁ ଭଲପାଅ** ଏହି ଦିବସର ବାର୍ତ୍ତା ରହିଛି ।

# ଟେବୁଲ୍ ଟେନିସ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ଶନିବାରଠାରୁ ୨୮ତମ ଏସୀୟ ଦଳଗତ ଟେବୁଲ୍ ଟେନିସ୍ ଚମ୍ପିୟାନ୍‌ସିପ୍ ଆରମ୍ଭ ହେବ । ଚମ୍ପିୟାନସିପ୍‌ରେ ଭାଗ ନେବା ପାଇଁ ଭାରତ ସମେତ ଅଧିକାଂଶ ଏସୀୟ ଦଳ ଗତକାଲି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଏହି ପ୍ରତିଯୋଗିତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୨ଟି ଦଳ ଭାଗ ନେଉଛନ୍ତି । ଆସନ୍ତା ୨୦୨୬ ମସିହାରେ ଲଣ୍ଡନରେ ହେବାକୁ ଥିବା ବିଶ୍ୱ ଦଳଗତ ଟେବୁଲ୍ ଟେନିସ୍ ଚମ୍ପିୟନସିପ୍‌ର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଭାବେ ଏହି ଚମ୍ପିୟାନସିପ୍‌କୁ ପରିଗଣିତ କରାଯାଉଛି।

.....................................................................................

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଗତକାଲି ଭୁବନେଶ୍ୱରରେ ସର୍ବାଧିକ ୪୦ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ ଉତ୍ତର ବଙ୍ଗୋପସାଗରରେ ଆସନ୍ତା କାଲିସୁଦ୍ଧା ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏ ସଂପର୍କରେ ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି : **V/O**

.....................................................................................